# ଏସ୍ ଟେଲ୍ ପକ୍ଷରୁ "ପ୍ରେମର ବନ୍ଧନ"

## ଭାଲେନ୍‌ଟାଇନ୍ ଦବିସ ଅବସରରେ ଏସ୍ ଟେଲ୍ ପକ୍ଷରୁ "ପ୍ରେମର ବନ୍ଧନ" ପ୍ରତିଯୋଗିତାର ଶୁଭାରମ୍ଭ

ଭୁବନେଶ୍ୱର, ୯ ଫେବୃଆରୀ, ଭାଲେନ୍ ଟାଇନ୍ ଦିବସ ପାଳନକୁ ଦୃଷ୍ଟିରେ ରଖି ଏସ୍ ଟେଲ୍ ଆପଣଙ୍କ ନିଜର ଫୋନ୍ ଏକ ପ୍ରତିଯୋଗିତା "ପ୍ରେମର ବନ୍ଧନ" ର ଶୁଭାରମ୍ଭ କରିଛି । ଏହି ପ୍ରତିଯୋଗିତାରେ ଏସ୍ ଟେଲ୍ ର ଗ୍ରାହକ ସେମାନଙ୍କ ପ୍ରେମୀ ମାନଙ୍କ ପାଖକୁ ନିଜର ଆନ୍ତରିକ ବାଣୀ ପଠାଇପାରିବେ । ଏଥି ସହ ଶ୍ରେଷ୍ଠ ବିବେଚିତ ସ୍ନେହ ପୂର୍ଣ୍ଣ ବାଣୀ କୁ ପୁରସ୍କୃତ କରାଯିବ ।

ଏହି ପ୍ରତିଯୋଗୀତା ଏକ ସପ୍ତାହ ଧରି ଚାଲୁ ରହିବ । ଗ୍ରାହକ ପ୍ରେମ ସମ୍ପର୍କରେ ତଥା ଭାଲେନ୍‌ଟାଇନ୍ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ପାରିବେ । ଏହି ଶ୍ଲୋଗାନ୍ ଭିତ୍ତିକ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ଦଖଲ କରିଥିବା ଯୋଗ୍ୟ ପ୍ରତିଯୋଗି ଦ୍ୱିତୀୟ ପର୍ଯ୍ୟାୟ କୁ ଉତ୍ତୀର୍ଣ୍ଣ ହେବେ । ଏହା ପରେ ୧୦ ଜଣ ପ୍ରତିଯୋଗୀ ଙ୍କୁ ବଛାଯିବ ଏମାନେ "ଏସ୍ ଟେଲ୍ କାହିଁକି ଏକ ପସନ୍ଦୀୟ ବ୍ରାଣ୍ଡ୍" ଶୀର୍ଷକ ଶ୍ଲୋଗାନ୍ ସମ୍ପର୍କରେ ଲେଖିବେ ଏବଂ ଏଥିପାଇଁ ସେମାନଙ୍କ ସୁଚିନ୍ତିତ ମତାମତକୁ ଏସ୍ ଏମ୍ ଏସ୍ ଜରିଆରେ ୫୮୯୧୬ କୁ ପଠାଇବେ । ତନ୍ମଧ୍ୟରୁ ଏସ୍ ଟେଲ୍ ଶ୍ରେଷ୍ଠ ବିବେଚିତ ଶ୍ଲୋଗାନ୍ କୁ ବାଛି "ପ୍ରେମର ବନ୍ଧନ" ପ୍ରତିଯୋଗୀତାର ବିଜୟୀ ଙ୍କ ନାମ ଘୋଷଣା କରିବ ।

"ପ୍ରେମର ବନ୍ଧନ" ପ୍ରତିଯୋଗିତାରେ ବିଜୟୀ ଙ୍କୁ ଏକ ଡିନର୍ କୁପନ୍ ଦିଆଯିବ ଓ ୫ଟି ସାନ୍ତ୍ୱନା ମୂଳକ ପୁରସ୍କାର ଏବଂ ମାଗଣାରେ ଗୋଟିଏ ଚଳଚ୍ଚିତ୍ର ଟିକେଟ୍ ଦିଆଯିବ । ଭାଲେନ୍‌ଟାଇନ୍ ଦିବସର ତାତ୍ପର୍ଯ୍ୟ ଓ ମହତ୍ୱ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବା ସହ ସେମାନଙ୍କ ସ୍ନେହ ଓ ଶ୍ରଦ୍ଧାର ବାତାବରଣକୁ ବଜାୟ ରଖିବା ଏବଂ ସ୍ନେହ ଶ୍ରଦ୍ଧାକୁ ବୃଦ୍ଧି କରାଇବା ପାଇଁ ଏସ୍ ଟେଲ୍ ପକ୍ଷରୁ ଏଭଳି ଯୋଜନାର ଆୟୋଜନ କରାଯାଇଛି ।

ପୁନଶ୍ଚ ଏସ୍ ଟେଲ୍ ମଧ୍ୟ ଗ୍ରାହକଙ୍କ ମଧ୍ୟରେ WAP ଏବଂ GPRS ସେବାକୁ ବଢେଇବା ପାଇଁ ଉଚିତ୍ ଦର ଧାର୍ଯ୍ୟ କରିଛି । ଏହାକୁ ଦୃଷ୍ଟିରେ ରଖି ଗ୍ରାହକ ଙ୍କ ଅସରନ୍ତି ଆବଶ୍ୟକତାକୁ ଏସ୍ ଟେଲ୍ ଯେପରି ପୂରଣ କରିପାରିବ

ସେଥିପାଇଁ କମ୍ପାନୀ  WAP ପୋର୍ଟାଲ୍,ଏସ୍ ଟେଲ୍ ଆଡ୍ଡା ଭଳି ଆକର୍ଷଣୀୟ ଅଫର୍ ରଖିଛି । ଏଥି ସହ ଏସ୍ ଟେଲ୍ ଗ୍ରାହକ ମାନେ ମଧ ଇଣ୍ଟରନେଟ୍ ସେବା କୁ ଉପଲବ୍ଧ କରିବା ସହ ତତ୍ ସମ୍ପର୍କିତ ଯେ କୌଣସି ଆବଶ୍ୟକତାକୁ ଏସ୍ ଟେଲ୍ ର GPRS- E Life  ଜରିଆରେ ଡାଉନ୍ ଲୋଡ୍ କରିପାରିବେ ।

ଗ୍ରାହକ ମାନେ ଯେ କୌଣସି ଲ୍ୟାଣ୍ଡାଲାଇନ୍ କିମ୍ବା ମୋବାଇଲ୍ ନମ୍ବରରୁ ଏସ୍ ଟେଲ୍ ର ଓଡ଼ିଶା ସ୍ଥିତ ଗ୍ରାହକ ସେବା କେନ୍ଦ୍ର ସହିତ ୯୧୩୨୦୧୨୩୪୫ ସହ ଯୋଗାଯୋଗ କରିପାରିବେ । ଏହା ବ୍ୟତୀତ ଏସ୍ ଟେଲ୍ ର ଗ୍ରାହକ ମାନେ ମଧ ଗ୍ରାହକ ସେବା କେନ୍ଦ୍ର ନମ୍ବର ୧୨୧୨କୁ ମାଗଣାରେ କଲ୍ କରିପାରିବେ ।

**ଏସ୍ ଟେଲ୍ ସମ୍ବନ୍ଧରେ-**

ଶିବାଗ୍ରୁପ୍ ଏବଂ ବାହାରିନ୍ ଟେଲିକମ୍ୟୁନିକେସନ୍ (Batelco) ର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀ ଏସ୍ ଟେଲ୍ ପ୍ରାଇଭେଟ ଲିମିଟେଡ୍ ୨୦୦୯ ରେ ହିମାଚଳ ପ୍ରଦେଶ,ବିହାର,ଝାଡ଼ଖଣ୍ଡ ଓ ଓଡ଼ିଶା ଆଦି ସ୍ଥାନ ମାନଙ୍କରେ  ନିଜର ମୋବାଇଲ୍ ସେବାର ଶୁଭାରମ୍ଭ କରିଥିଲା ।

ଏସ୍ ଟେଲ୍ ର ମୂଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ଓ ଏହା ୟୁନିଫାଏଡ୍ ଆକ୍ସେସ୍ ସର୍ଭିସେସ୍ ଲାଇସେନ୍ସ ପ୍ରାପ୍ତ କମ୍ପାନୀ ଅଟେ । ଏହାଦ୍ୱାରା କମ୍ପାନୀ  ଉପରୋକ୍ତ ରାଜ୍ୟ ମାନଙ୍କର ୨୨୬ ନିୟୁତ ଲୋକମାନଙ୍କୁ ୟୁନିଫାଏଡ୍ ମୋବାଇଲ୍ ସର୍ଭୀସ୍,ୱାୟର୍ ଲେସ୍ ବ୍ରଡ୍ ବ୍ୟାଣ୍ଡ ଓ ଇନୋଭେଟିଭ୍ VAS ସର୍ଭିସ୍ ଯୋଗାଇପାରିବ । ଏହା ୩ ବିଲିୟନ୍ ଡଲାର୍ ବିଶିଷ୍ଟ କମ୍ପାନୀ ଅଟେ ଯାହା ବିଭିନ୍ନ ପ୍ରକାରର ବ୍ୟବସାୟ ଯଥା-ଏନର୍ଜି,ସିପିଙ୍ଗ ଓ ଲଜିଷ୍ଟିକ୍ସ,ହସ୍ପିଟାଲିଟି ଓ ରିଆଲିଟି,ମିଡିଆ,ଇପିସି,ଏଜୁକେସନ୍ ଓ ଏଗ୍ରୋ ବିଜନେସ୍ କ୍ଷେତ୍ରରେ ମଧ୍ୟ ବ୍ୟବସାୟ ଚଳାଇଛି ।

**Media Contacts:**

**S Tel Pvt Ltd**

Manisha Gakhar +919650590812/ manisha.gakhar@stel.in

**Corporate Voice Weber Shandwick**

Nitin Yadav +91 9811278920/ nitin@corvoshandwick.co.in